# ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ,କଳାହାଣ୍ଡି

ସଂଖ୍ୟା 374 / ତାରିଖ 22-12-2022

## ସୂଚନା

ଏତଦ୍ୱାରା ସମସ୍ତ ଜନ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ପ୍ରତ୍ୟେକ ବର୍ଷ ଭଳି 2023 ମସିହାରେ ମଧ କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ କଳାହାଣ୍ଡି ଜିଲ୍ଲା ସଦର ମହକୁମା ଭବାନୀପାଟଣା ଠାରେ କଳାହାଣ୍ଡିର ଲୋକ ମହୋତ୍ସବ " ଘୁମୁରା " ଆସନ୍ତା ଜାନୁୟାରୀ 14 ରୁ 17 ତାରିଖ ପର୍ଯ୍ୟନ୍ତ 4 ଦିନଧରି ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ଲୋକ ମହୋତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ କଳାହାଣ୍ଡି ଜିଲ୍ଲା ର ବିଭିନ୍ନ କଳା , ସଂସ୍କୃତି, ପରମ୍ପରା, ଚାଲି ଚଳଣ , ଖାଦ୍ୟ ଓ ପେୟ ଇତ୍ୟାଦିର ପ୍ରଦର୍ଶନୀ କରାଯିବ ତାହା ସହିତ ବିଭିନ୍ନ ବ୍ୟବସାୟୀକ ଅନୁଷ୍ଠାନ, ସରକାରୀ ଓ ବେସରକରୀ ଅନୁଷ୍ଠାନ ମାନଙ୍କର କାର୍ଯ୍ୟକ୍ରମ ପ୍ରଦର୍ଶନ କରି ଜନସାଧାରଣଙ୍କ ମଧରେ ଜାଗରଣ ସୃଷ୍ଟିକରିବା ପାଇଁ ସ୍ଥିର କରାଯାଇ ଅଛି । ଏଥିପାଇଁ 200 ଗୋଟି ଷ୍ଟଲ ସ୍ଥାପନ କରାଯିବ, ସେଥି ମଧରୁ 50 ଟି ଖାଦ୍ୟ ପଦାର୍ଥ ବିକ୍ରୟ ପାଇଁ ଉଦ୍ଧିଷ୍ଟ । ଅନ୍ୟ 150 ଟି ଅନ୍ୟାନ୍ୟ ବ୍ୟବସାୟ ଓ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ତେଣୁ ଆସନ୍ତା 03.01.2023 ତାରିଖ ଠାରୁ ସମୟ ସକାଳ 10ଟା ରୁ ସନ୍ଧ୍ୟା 5 ଟା ମଧରେ ଷ୍ଟଲ ଗୁଡିକର ଆରକ୍ଷଣ ପ୍ରକ୍ରିୟା ଆରମ୍ଭ ହୋଇ ଶେଷ ହେବା ପର୍ଯ୍ୟନ୍ତ ଜାରି ରହିବ । ଇଚ୍ଛୁକ ଥିବା ବାଣିଜ୍ୟିକ ଅନୁଷ୍ଠାନ, ସରକାରୀ/ବେସରକାରୀ ଅନୁଷ୍ଠାନ , ଏନ.ଜି.ଓ., ଓ ଜନସାଧାରଣ ଉପ-ଜିଲ୍ଲାପାଳ , ଭାବନୀପାଟଣାଙ୍କ କାର୍ଯ୍ୟାଳୟରେ ନିମ୍ନମତେ ନିର୍ଧାରିତ ଶୁଳ୍କ ପଇଠ କରି ଷ୍ଟଲ ଗୁଡିକ ନିଜ ନାମରେ ଆରକ୍ଷଣ କରିନେବେ । ଯିଏ ପ୍ରଥମେ ଆସିବେ ତାଙ୍କୁ ପ୍ରଥମେ ଦିଆଯିବା ନୀତିରେ ଷ୍ଟଲ ଗୁଡିକ ଆବଣ୍ଟନ କରାଯିବ। ନିର୍ଧାରିତ ଶୁଳ୍କ ପଇଠ କରି ଷ୍ଟଲ ଗୁଡିକ ଆରକ୍ଷଣ କରିନେବା ପାଇଁ ଅନୁରୋଧ କରାଗଲା । ଷ୍ଟଲଗୁଡିକର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଷ୍ଟଲ ର ବିବରଣୀ | ଷ୍ଟଲର ପ୍ରକାର | ଷ୍ଟଲର ମୂଲ୍ୟ | ଟିପ୍ପଣୀ |
|---|---|---|---|
| 10' x 10', temporary water proof , Iron table with 2.5' X 5'x 2.5', White cotton cloth fencing in three sides , Plastic chair 2 nos. Front screen . | ଖାଦ୍ୟ ବିକ୍ରୟ ପାଇଁ | 10,000/- (ଦଶ ହଜାର ମାତ୍ର ) | |
| 10' x 10', temporary water proof , Iron table with 2.5' X 5'x 2.5', White cotton cloth fencing in three sides , Plastic chair 2 nos. Front screen . | ବ୍ୟବସାୟ ଓ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କ ପାଇଁ | 7,500/- ( ସାତ ହଜାର ପାଞ୍ଚ ସହ ମାତ୍ର) | |

ଜିଲ୍ଲାପାଳ ତଥା ଅଧକ୍ଷା
କଳାହାଣ୍ଡି ଉତ୍ସବ ଘୁମୁର